# ପିଲାଙ୍କ ଧରିତ୍ରୀ

ଶନିବାର, ୨୩ ଏପ୍ରିଲ, ୨୦୨୨



୬ କବିତା
୩
୭ ଜଣା ଅଜଣା
୮ ଆଇନା

# ଗପ ଜଳଦାନ ମହାପୁଣ୍ୟ

ଦ୍ୱିପ୍ରହର ସମୟ। ଛତାଧରି ବିଲୁଆଟିଏ କେଉଁଆଡୁ ଆସୁଥାଏ। ଖରାଦିନ ହୋଇଥିବାରୁ ବିଲୁଆର ଶୋଷରେ ତଣ୍ଟି ଶୁଖି ଯାଉଥାଏ। ବାଟସାରା ପାଣି ପିଇବାକୁ ଯେତେ ଖୋଜିଲା, କେଉଁଠି ପାଣି ଟୋପାଏ ପାଇଲା ନାହିଁ।

ବିଚରା ତୃଷାର୍ତ୍ତ ବିଲୁଆ ଶେଷରେ ଆସି ଏକ ଗାଁ ମୁଣ୍ଡରେ ପହଞ୍ଚିଲା। ଦେଖିଲା ବରଡ଼ାପତ୍ରରେ ଏକ ଛାମୁଣ୍ଡିଆ ତିଆରି ହୋଇଛି। ତା' ଭିତରେ ଜଳଭର୍ତ୍ତି ମାଠିଆଟିଏ ଥୁଆ ହୋଇଛି। ବିଲୁଆ ଦେଖିଲା ଆଖପାଖରେ କେହି ଲୋକ ଦେଖାଯାଉ ନାହାନ୍ତି। ପାଖରେ ଥିବା ଗ୍ଲାସକୁ ନେଇ ବିଲୁଆ ମାଠିଆରୁ ପାଣି ଆଣିବାକୁ ଗଲାବେଳକୁ କେହି ଜଣେ ଡାକ ଛାଡ଼ିଲା 'ଆରେ ବିଲୁଆ ପାଣି ପିଇଗଲା ଦୌଡ଼ି ଆସ।' ସେହି ଲୋକର ପାଟିଶୁଣି ଅନେକ ଲୋକ ଚାଲିଆସିଲେ ସେଠାକୁ। ଏହା ଦେଖି ବିଲୁଆ ଆଉ ପାଣି ପିଇବ କ'ଣ ଜୀବନ ବଞ୍ଚାଇ ଧାଇଁବାକୁ ଲାଗିଲା।

ଏହି ଘଟଣା ରୋହନ ଦେଖୁଥାଏ। ରୋହନ ସେହି ଗାଁର ପିଲା ଓ ସେ ନବମ ଶ୍ରେଣୀରେ ପଢ଼େ। ରୋହନ ତା'ର ବାପାଙ୍କୁ କହିଲା ବାପା, ବାହାରେ ମୁଣ୍ଡଫଟା ଖରା ହେଉଛି। ସେଥିରୁ ରକ୍ଷା ପାଇବାକୁ ଆମ ଗାଁମୁଣ୍ଡରେ ତିଆରି ହୋଇଛି ଜଳଛତ୍ର। ତୃଷାର୍ତ୍ତ ପଥିକମାନେ ସେଠାରେ ଜଳପାନ କରି ତୃପ୍ତ ହେବେ। ତେବେ କ'ଣ ଖାଲି ଆମ ମଣିଷମାନଙ୍କ ପାଇଁ ଜଳଛତ୍ର ହେଉଛି, ଆଉ ପଶୁପକ୍ଷୀମାନଙ୍କୁ ଖରାଦିନେ କ'ଣ ଶୋଷ ହେଉନି କି? ବାପା ନିରୁତ୍ତର ରହିଲେ। ତା'ପରେ କହିଲେ, ବୁଝିଲୁ ରୋହନ ଆମେମାନେ ସବୁବେଳେ ନିଜ ବିଷୟରେ ଭାବିଭାବି ସ୍ୱାର୍ଥପର ହୋଇଯାଉ। ଆମ ଚାରିପାଖରେ ଥିବା ଅନ୍ୟ ଜୀବମାନଙ୍କ ସ୍ୱାର୍ଥକୁ ଅଣଦେଖା କରିଥାଉ। ତୁ ଠିକ୍ କଥା କହିଛୁ ରୋହନ। ବାପା କହିଲେ, ଗାଁମୁଣ୍ଡର ଗୋଟିଏ ଜାଗାକୁ ସବୁ ପଶୁପକ୍ଷୀ ଆସନ୍ତି। ସେଠାରେ ଆମେ ଆଉ ଏକ ଜଳପୂର୍ଣ୍ଣ ପାତ୍ର ନେଇ ରଖିବା। ରୋହନ ଓ ତା'ର ବାପା ମିଶି ଏକ ଜଳପାତ୍ର ନେଇ ସେଠାରେ ରଖିଲେ। ଖରାଦିନେ ସବୁ ପଶୁପକ୍ଷୀ, ଜୀବଜନ୍ତୁ ଆସି ପାଣି ପିଇଲେ। କିଛିଦିନ ପରେ ରୋହନ ସେଠାରେ ଦେଖିଲା ଗୋଟିଏ ବିଲୁଆ ଆସି ପାଣି ପିଉଛି।



ପାଣି ପିଇସାରିବା ପରେ ବିଲୁଆଟି ରୋହନ ଆଡ଼କୁ ଚାହିଁଲା। ସତେଯେମିତି ବିଲୁଆଟି ରୋହନକୁ ଧନ୍ୟବାଦ ଜଣାଉଛି। ରୋହନର ମନ ଖୁସିରେ ଭରିଗଲା। କହିଉଠିଲା 'ଜଳଦାନ ମହାପୁଣ୍ୟ।'

**–ଶୁଭନାରାୟଣ ଶତପଥୀ**
ସୁରକ୍ଷା ଅଧିକାରୀ, ଜିଲା ଶିଶୁ ସୁରକ୍ଷା ୟୁନିଟ୍, ପୁରୀ
ମୋ: ୯୪୩୮୪୩୨୦୨୩

# ଖିଲି ଖିଲି ହସ

(କ୍ଲାସରେ ପିଲାମାନଙ୍କୁ ଶିକ୍ଷୟିତ୍ରୀଙ୍କ ପ୍ରଶ୍ନ...)

**ଶିକ୍ଷୟିତ୍ରୀ:** ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ କାଳର ଉଦାହରଣ ମୁଁ ଦଉଛି। ତା'ପରେ ତୁମେମାନେ ଗୋଟିଏ ଲେଖାଏ ଦେବ।

**ପିଲାମାନେ (ଏକ ସ୍ୱରରେ):** ଆଜ୍ଞା ମ୍ୟାମ୍।

**ଶିକ୍ଷୟିତ୍ରୀ:** ତୁମେମାନେ ସବୁ ପୂର୍ବରୁ ଦୁଷ୍ଟ ଥିଲ, ଅଛ ଆଉ ଆଗକୁ ବି ରହିବ। ଏବେ ତୁମେମାନେ ଗୋଟେ ଲେଖାଏ ଉଦାହରଣ ଦିଅ। ପ୍ରଥମେ ଶ୍ରେଣୀରେ ସବୁଠୁ ଅଧିକ ଦୁଷ୍ଟ ହେଉଥିବା ଛାତ୍ର ରାମୁ କହିବ।

**ରାମୁ(ବହୁତ ଭାବିଲା ପରେ...):** ମ୍ୟାମ୍! ଏଇଟା ଆପଣଙ୍କର ଭୁଲ୍‌ଧାରଣା ଥିଲା, ଅଛି ଆଉ ରହିବ।

(କ୍ଲାସ୍‌ରେ ପିଲାମାନଙ୍କୁ ଶିକ୍ଷକଙ୍କ ପ୍ରଶ୍ନ...)

**ଶିକ୍ଷକ(ସୋନୁକୁ)**–ମାନଚିତ୍ରରେ ଆମେରିକା କେଉଁଠି ଅଛି କହିଲୁ ?

**ସୋନୁ**–ସାର୍, ଏଇଠି।

**ଶିକ୍ଷକ(ରାମୁକୁ)**–ଏଥର କୁହ ଆମେରିକା କିଏ ଆବିଷ୍କାର କରିଥିଲେ ?

**ରାମୁ**–ସାର୍! ସୋନୁ।

(ବାପା ଓ ପୁଅ ମଧ୍ୟରେ କଥାବାର୍ତ୍ତା...)

**ବାପା(ପୁଅକୁ):** ଜଳର କେମିକାଲ ଫର୍ମୁଲା କ'ଣ ?

**ପୁଅ:** ଏଚ୍, ଆଇ, ଜେ, କେ, ଏଲ୍, ଏମ୍, ଏନ୍, ଓ

**ବାପା(ରାଗରେ):** ଏ କ'ଣ ?

**ପୁଅ:** ତମେ ତ ମୋତେ ନିଜେ କହିଥିଲ...ଏଚ୍‌ଟୁଓ।

# ମତାମତ

✪ 'ତୁମ ତୂଳୀରୁ' ପୃଷ୍ଠାରେ କୁନି ପିଲାଙ୍କ ଛବି ଭଲ ଲାଗୁଛି।

**–ସୌମ୍ୟରଞ୍ଜନ ପଣ୍ଡା, କ୍ରିଦାଶପୁର, ନୟାଗଡ଼**

✪ 'ହଳଦୀବସନ୍ତ ଓ ସିକୁଲ୍' ଗପଟିରେ ହଳଦୀବସନ୍ତ ପ୍ରତି ସିକୁଲ୍‌ର ଦୟାଭାବ ଓ ଭଲପାଇବା ଦେଖି ଖୁସି ଲାଗିଲା।

**–ବିବେକ ଦାସ, ଲାଇକେରା, ଝାରସୁଗୁଡ଼ା**

✪ 'ଖରା ଆଉ ପିଲାଙ୍କ ସ୍ୱାସ୍ଥ୍ୟ' ପାଠଟି ବେଶ୍ ଶିକ୍ଷଣୀୟ ଥିଲା।

**–ଅର୍ପିତା ମହାରଣା, ଭୋଗରାଇ, ବାଲେଶ୍ୱର**


✪ 'ଖିଲି ଖିଲି ହସ' ଓ 'ଚଗଲା ଭୀମୁ' ସ୍ତମ୍ଭ ଦୁଇଟି ପଢ଼ିବାକୁ ସବୁବେଳେ ମଜା ଲାଗୁଛି।

**–ବନ୍ଦିତା ମହାପାତ୍ର, ରାଜସୁନାଖଳା, ଖୋର୍ଦ୍ଧା**

✪ 'ଜଣା ଅଜଣା' ସ୍ତମ୍ଭଟିକୁ ମୁଁ ପ୍ରତି ଥର ପଢ଼େ ଓ ଦୁଇଟି ଲେଖାଏଁ ପାଠ ମନେ ରଖେ।

**–ମଧୁସୂଦନ ପାତ୍ର, ଜୟପୁର, କୋରାପୁଟ**

# ବିନ୍ଦୁ ଯୋଡ଼



ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,


# ସୂଚନା

ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟି(ହାଇ ରିଜଲ୍ୟୁସନ୍ ଥିବା)ର ୩ ଫଟୋ ସହ ପୁରା ନାମ, ବୟସ, ଠିକଣା ; ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ଚଗଲା ଭୀମୁ



ଅଧିକାଂଶ ସମୟରେ ପିଲାମାନେ ସଞ୍ଚୟ ଅପେକ୍ଷା ଖର୍ଚ୍ଚ ଅଧିକ କରନ୍ତି । ବାପାଙ୍କଠାରୁ ମିଛ କହି ପଇସା ଆଣି ଚକୋଲେଟ୍ ଖାଇବା ହେଉ ଅବା ମାଆଙ୍କଠାରୁ ଲୁଚାଇ ଆଣି ଆଇସ୍କ୍ରିମ୍ ଖାଇବା । ସାଙ୍ଗମାନଙ୍କ ସହ ମିଶି ଯାତ୍ରାରୁ ବେଲୁନ୍ କିଣିବା ହେଉ ଅବା ସ୍କୁଲ ଗଲାବେଳେ ବାଟରୁ ପେନ୍, ପେନ୍ସିଲ୍ କିମ୍ବା ରବର ଆଦି କିଣିବା, ଏମିତି ଅନେକ ବାହାନା କରି ପିଲାମାନେ ଅଧିକ ଖର୍ଚ୍ଚ କରନ୍ତି । ହେଲେ ଏମିତି କେତେକ ଅଛନ୍ତି ଯେଉଁମାନେ ନିଜ ପକେଟ୍ମନିରୁ କିଛି କିଛି ସେଭିଙ୍ଗ୍ ବି କରନ୍ତି । ବିଭିନ୍ନ ଆକୃତିର ମିଳୁଥିବା ଛୋଟ ଛୋଟ କୁମ୍ଭି, ଘଡ଼ି, ମୁଣି ହେଉ କିମ୍ବା ଜ୍ୟାମିତି ବାକ୍ସ ସବୁଥିରେ ସେମାନେ ନିଜର ସଞ୍ଚିତ ଅର୍ଥକୁ ସାଇତି ରଖନ୍ତି...



ପିଲାମାନେ ସାଧାରଣତଃ ସ୍ୱଭାବରେ ଖର୍ଚ୍ଚି । ଅଭିଭାବକଙ୍କଠାରୁ ମିଳୁଥିବା ପକେଟ୍ମନିକୁ ସାଙ୍ଗସାଥିଙ୍କ ସହ ମିଶି କିଛି ଚଟ୍ପଟା ଖାଇବା ହେଉ ଅବା ଖେଳଣା କିମ୍ବା ଅନ୍ୟାନ୍ୟ ସାମଗ୍ରୀ କିଣିବାରେ ସାରି ଦିଅନ୍ତି। ଟଙ୍କା ସରିଲେ ପୁଣି ମିଳିଯାଉଥିବାରୁ ଖର୍ଚ୍ଚକୁ ନେଇ ସେମାନଙ୍କର ପରବାୟ ନ ଥାଏ । ହେଲେ ଏମିତି ବି କେତେକଣ ପିଲା ଅଛନ୍ତି ଯେଉଁମାନେ ଆବଶ୍ୟକ ଖର୍ଚ୍ଚ ବାଦ୍ ପକେଟ୍ମନିରୁ ବଳୁଥିବା ଟଙ୍କାକୁ ସଞ୍ଚୟ କରି ରଖନ୍ତି । ଆଉ ପିଲାବେଳୁ ଏହି ସଞ୍ଚୟ କରିବାର କଳା ହିଁ ସେମାନଙ୍କୁ ଭବିଷ୍ୟତରେ ବେଶ୍ ସାହାଯ୍ୟ କରିଥାଏ...



# ସଞ୍ଚୟ
## ଏବେଠୁ ଆରମ୍ଭ

### କେମିତି କରିବେ ସଞ୍ଚୟ

■ ଟଙ୍କା ସଞ୍ଚୟ କରିବା ପୂର୍ବରୁ ଲକ୍ଷ୍ୟଧାର୍ଯ୍ୟ କରନ୍ତୁ। ଫଳରେ ଏହା ଆପଣଙ୍କ ମନରେ ଉତ୍ସାହ ଓ କାର୍ଯ୍ୟ କରିବା ପାଇଁ ଆଗ୍ରହ ସୃଷ୍ଟି କରିବ । ଯଦି ପାରୁଛନ୍ତି ପ୍ରତିଦିନ କିଛି କିଛି ସଞ୍ଚୟ କରନ୍ତୁ। ବଦଖର୍ଚ୍ଚଠାରୁ ନିଜକୁ ଦୂରେଇ ରଖନ୍ତୁ।

■ ଛୋଟ ପିଲାମାନେ ପ୍ରଥମେ 'ପିଗି ବ୍ୟାଙ୍କ'ରେ ସେଭିଙ୍ଗ୍ କରିବା ଆରମ୍ଭ କରନ୍ତୁ। ପରେ ଅଭିଭାବକଙ୍କ ସାହାଯ୍ୟ ନେଇ ବ୍ୟାଙ୍କରେ ନିଜସ୍ୱ ଆକାଉଣ୍ଟ ମଧ୍ୟ ଖୋଲିପାରିବେ।

■ ପିଲାଦିନୁ ରୋଜଗାର କରିବାର ଏବେ ଅନେକ ପନ୍ଥା ବାହାରିଗଲାଣି। ତେଣୁ କେଉଁ ଦିଗରେ ଆପଣ ପାରଙ୍ଗମ ଏବଂ ସେଥିରେ କିପରି ରୋଜଗାର କରିପାରିବେ, ସେ ବିଷୟରେ ଜାଣିବାପାଇଁ ଅଭିଭାବକ କିମ୍ବା ଶିକ୍ଷକଙ୍କ ପରାମର୍ଶ ନିଅନ୍ତୁ। ପଢ଼ା ସମୟ ପରେ ଏଥିରୁ କିଛି ରୋଜଗାର କରି ସଞ୍ଚୟ ମଧ୍ୟ କରିପାରିବେ।

■ ସଞ୍ଚୟ ଏକ ଭଲ କଳା। ଯଦି ପିଲାମାନେ ଏଥିପ୍ରତି ଆଗ୍ରହୀ ହେଉଛନ୍ତି ତେବେ ସେମାନେ କିଭଳି ସଞ୍ଚୟ କରିବେ, ଏଥିପାଇଁ ସେମାନଙ୍କୁ କେଉଁସବୁ ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖିବା ଆବଶ୍ୟକ ଆଦି ବିଷୟରେ ବୁଝାଇବା ଦିଗରେ ଅଭିଭାବକମାନେ ଧ୍ୟାନ ଦେବା ଆବଶ୍ୟକ। କେବଳ ଏତିକି ନୁହେଁ, ଯେଉଁ ପିଲାମାନେ ବଦ୍ଖର୍ଚ୍ଚ କରୁଥାନ୍ତି ସେମାନଙ୍କୁ ସଞ୍ଚୟ କରିବାର ଉପକାରିତା ସମ୍ପର୍କରେ ବୁଝାଇବା ସହ ଏଥିପାଇଁ ସେମାନଙ୍କ ମନରେ ଆଗ୍ରହ ସୃଷ୍ଟି କରାଇବା ଦିଗରେ ମଧ୍ୟ ଅଭିଭାବକମାନେ ସଚେତନ ହେବା ଆବଶ୍ୟକ।

### କେବଳ ସଞ୍ଚୟ କରିଦେଲେ ହେବନି ବରଂ ଉପାର୍ଜିତ ଅର୍ଥକୁ ଠିକ୍ ଉପାୟରେ ସଦୁପଯୋଗ କରିବା ନିହାତି ଆବଶ୍ୟକ....

◆ ବେଳେବେଳେ ଆବଶ୍ୟକ ସମୟରେ ଟଙ୍କା ଯୋଗାଡ଼ କରିବା କଷ୍ଟକର ହୋଇପଡ଼େ। ତେଣୁ ସଞ୍ଚୟ କରିଥିଲେ ଏହା ଜରୁରୀ ସମୟରେ ନିଶ୍ଚିତ କାମରେ ଆସିପାରିବ।

◆ଭବିଷ୍ୟତ ପାଇଁ ଏବେଠାରୁ ସଞ୍ଚୟ କରିବା ବୁଦ୍ଧିମାନର କାମ। ଏବେଠୁ ସଞ୍ଚୟ କଲେ ଭବିଷ୍ୟତରେ ନିଜ କର୍ମକ୍ଷେତ୍ରରେ ଆଗକୁ ବଢ଼ିବା ଲାଗି ଅର୍ଥାତ୍ କୌଣସି ପରୀକ୍ଷାରେ ଫର୍ମ ପକାଇବା ଲାଗି ହେଉ ଅବା ହାୟର ଷ୍ଟଡି କରିବା ବେଳେ ମଧ୍ୟ ଏହି ସଞ୍ଚିତ ଅର୍ଥ ଆପଣଙ୍କୁ ସାହାଯ୍ୟ କରିପାରେ।

◆ଅନ୍ୟକୁ ସାହାଯ୍ୟର ହାତ ବି ବଢ଼ାଇପାରିବେ। ଅସୁବିଧାରେ ପଡ଼ିଥିବା ବା ଆର୍ଥିକ ଅନଗ୍ରସର ବ୍ୟକ୍ତିଙ୍କୁ ଚାହିଁଲେ ଆପଣ ଆର୍ଥିକ ସାହାଯ୍ୟ କରିପାରିବେ।

◆ ବେଳେବେଳେ ଏଟିଏମ୍ କିମ୍ବା ବ୍ୟାଙ୍କରୁ ଟଙ୍କା ଉଠାଇଲା ବେଳେ ଅସୁବିଧା ହୁଏ। ଏହି ସମୟରେ ନିଜ ପାଖରେ ସଞ୍ଚୟ କରିଥିବା ଟଙ୍କାକୁ ବ୍ୟବହାର କରିପାରିବେ।

◆ ସଞ୍ଚୟ କଲେ ଆବଶ୍ୟକ ସମୟରେ ଏହାକୁ ସ୍ୱାଧୀନ ଭାବେ ଖର୍ଚ୍ଚ କରିପାରିବେ। ଘର ସଜାଇବା, ଘର ପାଇଁ କୌଣସି ଜିନିଷ ଆଣିବା କିମ୍ବା କାହାକୁ ଉପହାର ଦେବାଲାଗି ଅଭିଭାବକଙ୍କୁ ଟଙ୍କା ମାଗିବା ବଦଳରେ ନିଜ ସଞ୍ଚିତ ଅର୍ଥରୁ ଖର୍ଚ୍ଚ କରିପାରିବେ।



### କ'ଣ କରନ୍ତି ଏମାନେ



ମୁଁ ସଞ୍ଚୟ କମ୍ ଖର୍ଚ୍ଚ ବେଶି କରିଦିଏ। ମାମୁଘରେ ରହି ପଢୁଥିବାରୁ ସ୍କୁଲ ଗଲାବେଳେ ମାମୁ କିମ୍ବା ଅଜା ହାତ ଖର୍ଚ୍ଚ ପାଇଁ କିଛି ଟଙ୍କା ଦିଅନ୍ତି। ସେଥିରୁ କିଛି ଖର୍ଚ୍ଚ କରି ବଳକା ଟଙ୍କାକୁ କୁମ୍ଭିରେ ପକାଇଦିଏ। ଥରେ କୁମ୍ଭି ଭାଙ୍ଗିବା ବେଳକୁ ୫୦୦୦ ଟଙ୍କା ବାହାରିଲା। ଏହି ଟଙ୍କାକୁ ମାମାକୁ ଦେବା ବେଳେ ମୁଁ ସଞ୍ଚୟ କରୁଥିବାର ଦେଖି ସେ ବି ବହୁତ ଖୁସି ହେଲେ। ଭାବୁଛି ଏମିତି ଧୀରେ ଧୀରେ ସଞ୍ଚୟ କରି ମୋ ଭବିଷ୍ୟତ ପାଠପଢ଼ାରେ ଏହାକୁ ଲଗାଇବି।

**-ପ୍ରତ୍ୟୁଷ କୁମାର ସାହୁ**


କ୍ଲାସ-୧୦, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବେଗୁନିଆ, ଖୋର୍ଦ୍ଧା





ବାବା ଓ ମାମା ଦେଉଥିବା ପକେଟ୍ମନିରେ ବଦ୍ଖର୍ଚ୍ଚ କରେ ନାହିଁ। ଆବଶ୍ୟକ ଖର୍ଚ୍ଚ ବାଦ୍ ବଳକା ଟଙ୍କାରୁ ପ୍ରତି ମାସରେ କିଛି କିଛି ସେଭିଙ୍ଗ୍ କରେ, ଯାହାକୁ ମୋ ଦରକାର ବେଳେ ବ୍ୟବହାର କରେ। ଟ୍ୟୁଶନ ଫି', ସାଇକେଲ୍ ଖରାପ ହେଲେ ମରାମତି କରିବା, ବିଜ୍ଞାନ ପ୍ରୋଜେକ୍ଟ ପାଇଁ ଆବଶ୍ୟକ ସାମଗ୍ରୀ କିଣିବା ଏବଂ ସ୍କୁଲରେ ପୂଜା ଖର୍ଚ୍ଚ ଦେବା ଭଳି ବିଭିନ୍ନ ଖର୍ଚ୍ଚ ମୁଁ ମୋ ସଞ୍ଚିତ ଅର୍ଥରୁ ହିଁ କରିଥାଏ।


**-ସାୟୋନୀ ବେହେରା**

କ୍ଲାସ-୯, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବାଙ୍କୀ, କଟକ


୧


୨


୩


୪


୫


୬


୭


୮


୯



୧୦



୧୧

୧


ଅସୀମାରାଣୀ ପଟ୍ଟନାୟକ
କ୍ଲାସ- ୧, ଲିଟିଲ୍ ଫ୍ଲାୱାର ସ୍କୁଲ, ଗାନ୍ଧିନଗର, ବଲାଙ୍ଗିର

୨

ଅନୁଷ୍କା ବେଉରା
କ୍ଲାସ-୮, ସେଣ୍ଟ ଯୋଶେଫ ହାୟର ସେକେଣ୍ଡାରୀ ସ୍କୁଲ, ଭୁବନେଶ୍ୱର

୩

ଆଦିତ୍ୟ ପ୍ରଭୁପ୍ରସାଦ
କ୍ଲାସ- ୨, ସେଣ୍ଟ ଜାଭିଅର୍ସ ହାଇସ୍କୁଲ, କେଦାରଗୌରୀ, ଭୁବନେଶ୍ୱର

୪

ସୁବ୍ରାଚି ପତି
କ୍ଲାସ-୩, କେନ୍ଦ୍ରୀୟ ବିଦ୍ୟାଳୟ, ଭୁବନେଶ୍ୱର

୫

ସୋହମ ସାଗର ରାଉତ
କ୍ଲାସ- ୪, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନର୍ଲା, କଳାହାଣ୍ଡି

୬

ଅନ୍‌ମୋଲ ଅନିକେତ
କ୍ଲାସ-୩, ଦିଲ୍ଲୀ ପବ୍ଲିକ ସ୍କୁଲ୍, ଭାଇଜାଗ ଷ୍ଟିଲ୍, ବିଶାଖାପାଟଣା, ଆନ୍ଧ୍ରପ୍ରଦେଶ

୭

ଅଭିଜିତ୍ ପ୍ରିୟରଞ୍ଜନ
କ୍ଲାସ- ୯, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବାସୁକେରା, ପୁରୀ

୮

ହେମଲତା ନାଗ
କ୍ଲାସ- ୮, ସରକାରୀ ଉ.ପ୍ରା. ବିଦ୍ୟାଳୟ, ଶୁକ୍ଳିମୁଣ୍ଡି, ନୂଆପଡ଼ା

୯

ଅନନ୍ୟା ରୁପାଲି ତ୍ରିପାଠୀ
କ୍ଲାସ-୭, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଗୋବିନ୍ଦପାଲ୍ଲୀ, ମାଲକାନଗିରି

୧୦

ଅସିମା କର
କ୍ଲାସ-୩, ବିବେକାନନ୍ଦ ପବ୍ଲିକ ସ୍କୁଲ, ବାଳକାଟୀ, ଖୋର୍ଦ୍ଧା

୧୧

ଦେବାଂଶୁ ଆଚାର୍ଯ୍ୟ
କ୍ଲାସ- ୩, ବିବିଆଇଟି ପବ୍ଲିକ୍ ସ୍କୁଲ, ବୁଗିବୁଗି, କୋଲକାତା

## ଗିନିଜ୍ ୱାର୍ଲ୍ଡ ରେକର୍ଡ




# କୁନି ଆଥ୍‌ଲେଟ ଆଶମାନ୍

ପିଲାମାନେ, ତୁମମାନଙ୍କ ମଧ୍ୟରୁ କେତେଜଣ ମାର୍ଶାଲ ଆର୍ଟ କରିବାକୁ ଭଲପାଅ କୁହ ତ। ତୁମମାନଙ୍କ ପରି ୫ବର୍ଷୀୟ ଆଶମାନ୍ ତାନେଜା ମାର୍ଶାଲ ଆର୍ଟରେ ଗିନିଜ୍ ରେକର୍ଡ କରିଛନ୍ତି। ସେ ଏକଘଣ୍ଟା ଭିତରେ ୧୨୦୦ ଥର ନନ୍ ଷ୍ଟପ୍ ନି-ଷ୍ଟ୍ରାଇକ୍ କରି ଗିନିଜ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ହାଇଦ୍ରାବାଦ୍‌ର ଆଶମାନ୍ କମ୍ ବୟସରେ ମାର୍ଶାଲ ଆର୍ଟ ଚାମ୍ପିଅନ୍ ହୋଇପାରିଛନ୍ତି ଓ ଅନେକ ପ୍ରଶଂସା ସାଉଁଟିଛନ୍ତି। ସେ ୟୁଏସ୍ଏ ଓପନ୍ ମାର୍ଶାଲ ଆର୍ଟ କମ୍ପିଟିଶନ୍‌ର ସିଲଭର୍ ମେଡାଲିଷ୍ଟ ଭାବରେ ଖ୍ୟାତି ବି ଅର୍ଜନ କରିଛନ୍ତି। ଏବେ ସେ କୁନି ଆଥ୍‌ଲେଟ ଭାବରେ ଗିନିଜ୍ ରେକର୍ଡ କରିଛନ୍ତି। ଆଶମାନ୍‌ଙ୍କ ବାପା ଆଶିଷ ତାନେଜା କୁହନ୍ତି, ମୋ ପୁଅ ଗିନିଜ ରେକର୍ଡ କରିବା ପାଇଁ କଠିନ ପରିଶ୍ରମ କରିଛି। ସେ ତା'ର ଭଉଣୀଠାରୁ ଅନୁପ୍ରାଣିତ ହୋଇ ଗିନିଜ୍ ରେକର୍ଡ ପାଇଁ ପରିଶ୍ରମ କରିଥିଲା। ଏତେ କମ୍ ବୟସରେ ସେ ଏହି ରେକର୍ଡ କରିଥିବାରୁ ମୁଁ ତା' ପାଇଁ ବହୁତ ଖୁସି ଅଛି। ଏଥିଲାଗି ଆଶମାନ୍ ତାଙ୍କ ଭଉଣୀଙ୍କୁ ନିଜର ପ୍ରେରଣା ବୋଲି କୁହନ୍ତି।


## ଏଥରର




- ଆମେରିକାରେ ପ୍ରଚଳିତ ମୁଦ୍ରାର ନାମ କ'ଣ ?
- ୟୁକ୍ରେନ୍‌ରେ ପ୍ରଚଳିତ ମୁଦ୍ରାର ନାମ............ ?
- ଫିଲିପାଇନ୍ସରେ ପ୍ରଚଳିତ ମୁଦ୍ରାର ନାମ........... ?
- ୟୁରୋ କେଉଁ ଦେଶର ପ୍ରଚଳିତ ମୁଦ୍ରା ?
- ଆଫଗାନିସ୍ତାନରେ ପ୍ରଚଳିତ ମୁଦ୍ରାର ନାମ ?

## ଗତଥରର ଉ ତ୍ତ ର

- ନ୍ୟାୟ
- ବିରୋଧ ଓ ଦୁଃଖ
- ଜାତୀୟ ଶୋକ
- ସଂସ୍କୃତି
- ଦେଶ ପ୍ରତି ବିପଦ





## କ ବି ତା

### ଅଭୁଲା ସେ ମଧୁ ନାମ

ମଧୁବାବୁଙ୍କର ମଧୁର ନାଆଁଟି
ମୋ ମାଟିର ଗଣ୍ଠିଧନ,
ସାରା ଜୀବନ ଓଡ଼ିଆ ପାଇଁ କି
କରିଲେ ଜୀବନ ପଣ।
ଓଡ଼ିଶା ମାଟିର ଏକତ୍ରୀକରଣେ
ନିଦ୍ରା ତାଙ୍କ ଥିଲା ନାହିଁ,
ଲର୍ଡ କର୍ଜନ ବଡ଼ଲାଟ ପାସେ
ଯୁକ୍ତି ସେ ବାଢ଼ିଲେ ଯାଇ।
ସମ୍ବଲପୁର ସେ ମଧ୍ୟପ୍ରଦେଶରୁ
ମୁକୁଳେଇ ପାରିଥିଲେ,
ବିହାରୀ, ବଙ୍ଗାଳୀ, ତେଲୁଗୁ କବଳୁ
ଭାଷାକୁ ବି ମୁକୁଳେଇଲେ।
ଦାଦନ ଶ୍ରମିକ ଓଡ଼ିଆମାନଙ୍କୁ
କଲିକତା ବୁକୁ ପରେ,
ନୈଶ ବିଦ୍ୟାଳୟ ପାଠ ପଢ଼ାଇବା
ସଙ୍କଳ୍ପ ସାଧନା କଲେ।
ବାରିଷ୍ଟର ନିଜେ ହେଇ ଗରିବଙ୍କ
ମୋକଦ୍ଦମା ଲଢ଼ିଥିଲେ,
ଇଂରେଜମାନଙ୍କ ମିଥ୍ୟା ଆରୋପର
ସଠିକ୍ ଜବାବ ଦେଲେ।
ଉତ୍କଳ ଟ୍ୟାନେରି ଜୋତା କାରଖାନା
ଓଡ଼ିଆର ସ୍ୱାଭିମାନ,
ଆପଣା ମହତ ଆପେ ରଖିବାକୁ
ଦେଉଥିଲେ ସଦା ଧ୍ୟାନ।
ଉତ୍କଳ ମାଟିର ଉନ୍ନତି କରଣେ
ବହୁକଷ୍ଟ ସହିଥିଲେ,
ଭାରତ ଭୂଇଁରେ ଏ ରାଜ୍ୟର ନାମ
ସ୍ୱର୍ଣ୍ଣାକ୍ଷରେ ଲେଖିଗଲେ।

**-ଶିବ ପ୍ରସାଦ ରାଉତ**
ବଛଦା, ଜଗନ୍ନାଥପୁର, ଭଦ୍ରକ

### ଜଗତ ମିତ

ଅତି ମଞ୍ଜୁଳ ବସନ୍ତ କାଳ ଧରାକୁ ଗଲା ଛାଡ଼ି,
କାଳ ଗ୍ରୀଷମ ଅତି ବିଷମ ଖରା ଆସିଲା ମାଡ଼ି।
ମଧ୍ୟାହ୍ନ କାଳେ ପକ୍ଷୀ ସକଳେ ତରୁ ଶାଖାରେ ଠୁଳ,
ପ୍ରାନ୍ତର ତେଜି ପାଦପ ଛାୟା ଲୋଡ଼ିଲେ ପ୍ରାଣୀକୁଳ।
ଫାଟିଲା ଭୂଇଁ ତାତିଲା ବାଲି ବହିଲା ଝାଞ୍ଜି ବାଆ,
ଛତା, ଚପଲ, ପାଣିବୋତଲ ପଥିକ ପାଇଁ ସାହା।
ବୃକ୍ଷ ସକଳ ନ ପାଇ ଜଳ ଝାଉଁଳି ଗଲେ ନଇଁ,
ଜଳ ଭ୍ରମରେ ମରୀଚିକା ପଛେ ବାଟୋଇ ଯାଏ ଧାଇଁ।
ଆମ୍ବ, ପଣସ ଗଛରେ ପାଚି ବାସିଲା ମହ ମହ,
ଦହି ତୋରାଣି, ପଇଡ଼ପାଣି, ବେଲପଣାରେ ସ୍ନେହ।
ପଣା ସଂକ୍ରାନ୍ତି, ଅକ୍ଷିତୃତୀୟା ପଡ଼େ ଚନ୍ଦନ ଯାତ,
ଚନ୍ଦନ ବୋଲି ନରେନ୍ଦ୍ରେ କେଳି କରନ୍ତି ଜଗନ୍ନାଥ।
ବୁଦ୍ଧପୂର୍ଣ୍ଣିମା, ସାବିତ୍ରୀ ବ୍ରତ, ରଜ ମଉଜ ସାରି,
ସ୍ନାନପୂନେଇଁ ସ୍ନାନବେଦିରେ ସ୍ନାନ କରନ୍ତି ହରି।
ପ୍ରତ୍ୟକ୍ଷେ ଗ୍ରୀଷ୍ମ ଦିଅଇ କଷ୍ଟ ପରୋକ୍ଷେ ସାଧେ ହିତ,
ବରଷା ସୃଜି ପାଳଇ ସୃଷ୍ଟି ସେ ତ 'ଜଗତ ମିତ'।

**- ମାଧବୀଲତା ଦେଈ**
ଶ୍ରୀମୁଖ, ନିମାପଡ଼ା, ପୁରୀ



### ମହତ ଜନ ସେହି

ଆସିଲା ଖରା ତାତିଲା ଧରା
ଶୁଖିଲା ନାଳ, ନଈ
ସଡ଼କ କଡ଼େ ବାଟୋଇ ଭାଇ
ଖୋଜେ ଟିକିଏ ଛାଇ।
ବିକାଶ ହେଲା ସହର ଗାଆଁ
ପକା ସଡ଼କ ପିଚୁ,
କୁଆଡ଼େ ଗଲା ସଡ଼କ କଡ଼
ଆମ୍ବ,ପଣସ,ଲିଚୁ।
ନାହିଁ କୋଉଠି ଗଛର ଛାଇ
ସୁନ୍ଦର ଦିଶେ କୋଠା,
ପାଣି ଟୋପାଏ କୂଅରେ ନାହିଁ
ଶୁଖିଲା ନଈ ପଠା।
ବୁଲା କୁକୁର, ଗାଈ,ମଇଁଷି
ପଶୁ,ପକ୍ଷୀଙ୍କ ପାଇଁ,
ପାଣିର କୁଣ୍ଡ ରଖିବା ଆସ
ଘର ପାଖରେ ଭାଇ।
ପଶୁପକ୍ଷୀ ବା ଜୀବଜନ୍ତୁଙ୍କୁ
ଦୟାକରେ ଯେ ଜନ,
ତା'ଠାରୁ ବଡ଼ ନାହିଁ ସଂସାରେ
ଏଇତ ମହତ କର୍ମ।

**-ତପନ କୁମାର ସ୍ୱାଇଁ**
ଅଇବିଲି, ତିର୍ତ୍ତୋଲ,
ଜଗତ୍‌ସିଂହପୁର

## କହିଲ ଦେଖି

୧) ତିନୋଟି ଅକ୍ଷରେ ନାମ ମୋହର
ମଲାପରେ ଆସନ୍ତି ମୋ ଦୁଆର
ପ୍ରଥମ ଦୁଇ ମିଶିଲେ ମୁହିଁ ହେଇଯାଏ ତ କୀଟ
ଆରମ୍ଭ ଓ ଶେଷ ମୂଲ୍ୟବାନ ପଦାର୍ଥ
ମର ଶରୀରକୁ ମୁଁ କୋଳେଇ ନିଏ
ନାମଟି ମୋହର କୁହ କହିବ କିଏ



ଉ- **ମଶାଣି**

୨) ମୋ ଯୋଗୁ ବଢ଼ଇ ଦକ୍ଷତା ମୂଲ୍ୟ
କେହି ହେବେନାହିଁ ମୋ ସମତୁଲ୍ୟ
ଆଗେ ବଢ଼ିବାକୁ ମୁଁ ପ୍ରେରଣା ଦିଏ
ଉତ୍ସାହିତ କରି ଆଗକୁ ନିଏ
ଯୋଗ୍ୟ ବୋଲି ମୁଁ ଦିଏ ପ୍ରମାଣ
ମୋ ନାମ କିଏ ସେ କର ବଖାଣ



ଉ- **ମାନପତ୍ର**


୩) ଦୁନିଆରେ ସବୁଠୁ ଅଟେ ମୁଁ ବଡ଼
ସମସ୍ତେ ଗାଆନ୍ତି ମୋହରି ଗୁଣ
ଯିଏ ମୋତେ ବେଶି ଭଲ ପାଇବ
ଦୁନିଆଟା ତା'ର ଗୁଣ ଗାଇବ
ସମ୍ମାନ ପାଇବ ସେ ସାରା ଜୀବନ
କାହାପାଖେ ହେବନି କେବେ ନ୍ୟୂନ
ମୁଁ ଜମାରୁ ଟଙ୍କା ପଇସା ନୁହେଁ
ନାମଟି ମୋହର କହିବ କିଏ



ଉ- **ଇଜ୍ଜତ୍**


**-ପ୍ରଶାନ୍ତ କୁମାର ନାଥ**
ସୁନ୍ଦରପୁର, ଉତ୍ତରକୂଳ ହାଟ୍, ପ୍ରୀତିପୁର, ଯାଜପୁର, ମୋ: ୮୮୯୨୩୦୧୧୪୩

# ଜଣା ଅଜଣା



## ପୃଥିବୀର ସବୁଠୁ ବଡ଼ ଡାଇନୋସର

ପିଲାମାନେ, ତୁମେ ଜାଣିଲେ ଆଶ୍ଚର୍ଯ୍ୟ ହେବ ଦୀର୍ଘ ୧୬୫ ବର୍ଷ ଧରି ଡାଇନୋସରମାନେ ପୃଥିବୀପୃଷ୍ଠରେ ଥିଲେ। କିନ୍ତୁ ପ୍ରାୟ ୬୬ ବର୍ଷ ଧରି ସେମାନେ ପୃଥିବୀରୁ ବିଲୁପ୍ତ ହୋଇଯାଇଛନ୍ତି। ତେବେ ସବୁଠୁ ବଡ଼ ଡାଇନୋସର ହେଉଛି ଆର୍‌ଜେଣ୍ଟିନୋସରସ୍‌। ଏମାନଙ୍କ ଓଜନ ପ୍ରାୟ ୧୦୦ ଟନ୍ ପର୍ଯ୍ୟନ୍ତ ହୋଇଥାଏ, ଯାହା ୧୫ଟି ହାତୀର ଓଜନ ସହ ସମାନ।



## ରବୀନ୍ଦ୍ରନାଥ ଟାଗୋର

ରବୀନ୍ଦ୍ରନାଥ ଟାଗୋର ହେଉଛନ୍ତି ପ୍ରଥମ ଭାରତୀୟ, ଯିଏ ୧୯୧୩ ମସିହାରେ ପ୍ରଥମ ଥର ପାଇଁ ଲିଟେରଚର୍‌ରେ ନୋବେଲ ପୁରସ୍କାର ପାଇଥିଲେ। ପରେ ୧୯୧୫ ମସିହାରେ ବ୍ରିଟିଶ ସରକାର ତାଙ୍କୁ 'ନାଇଟ୍ ଟାଇଟଲ୍' ଉପାଧି ଦେଇଥିଲେ, କିନ୍ତୁ ଜାଲିଆନୱାଲାବାଗ୍ ହତ୍ୟାକାଣ୍ଡ ପାଇଁ ସେ ଏହି ଉପାଧି ସେମାନଙ୍କୁ ଫେରେଇ ଦେଇଥିଲେ।




## ଅଲ୍ ଇଣ୍ଡିଆ ରେଡିଓ

୧୮୯୦ ମସିହାରେ ଗୁଗ୍ଲେଇମୋ ମାର୍କୋନୀ ପ୍ରଥମ ଥର ପାଇଁ ରେଡିଓ ଆବିଷ୍କାର କରିଥିଲେ। ଆମ ଦେଶରେ ୧୯୩୦ ମସିହାରେ ଏହା 'ଇଣ୍ଡିଆନ୍ ଷ୍ଟେଟ୍ ବ୍ରଡ୍‌କାଷ୍ଟିଙ୍ଗ୍ ସର୍ଭିସ୍' ଭାବେ ନାମିତ ହୋଇଥିଲା। ହେଲେ ପରେ ୧୯୩୬ ଜୁନ୍ ୮ରେ ଏହା 'ଅଲ୍ ଇଣ୍ଡିଆ ରେଡିଓ'କୁ ପରିବର୍ତ୍ତିତ ହେଲା। ବର୍ତ୍ତମାନ ସୁଦ୍ଧା ଭାରତରେ ୪୧୫ଟି ରେଡିଓ ଷ୍ଟେଶନ ୨୩ଟି ଭାଷାରେ କାର୍ଯ୍ୟ କରୁଛି।

## ଗେଣ୍ଡା ରହସ୍ୟ

ପୃଥିବୀରେ ପ୍ରାୟ ୬୦ହଜାର ପ୍ରଜାତିର ଗେଣ୍ଡା ଦେଖାଯାଆନ୍ତି। ଗାର୍ଡେନ ସ୍ନେଲ ପ୍ରଜାତିର ଗେଣ୍ଡାମାନଙ୍କର ପ୍ରାୟ ୧୪ ହଜାର ଦାନ୍ତ ଥିଲାବେଳେ ଅନ୍ୟ ପ୍ରଜାତିଙ୍କର ୨୦ ହଜାରରୁ ଅଧିକ ଦାନ୍ତ ଥାଏ। ସାଧାରଣତଃ ଏମାନଙ୍କର ଦାନ୍ତଗୁଡ଼ିକ ଜିଭରେ ଧାଡି ଧାଡି ହୋଇ ରହିଥାଏ।





## ମୁଦ୍ରାର ପ୍ରଚଳନ

ପ୍ରାୟ ୫୦୦୦ବର୍ଷ ତଳେ ମେସୋପଟାମିଆ ସଭ୍ୟତାରେ ମୁଦ୍ରାର ପ୍ରଚଳନ ଆରମ୍ଭ ହୋଇଥିଲା। ଯାହାକୁ ସେକେଲ କୁହାଯାଉଥିଲା। ଖ୍ରୀ.ପୂ ୬୦୦ରୁ ୬୫୦ ମଧ୍ୟରେ ସୁନା ଓ ରୂପାର ମୁଦ୍ରାର ପ୍ରଚଳନ ହୋଇଥିଲା। ତେବେ ଗାନ୍ଧାର, କୁରୁ, ପାଞ୍ଚାଳ, ମଗଧ, ସୌରାଷ୍ଟ୍ର ଆଦି ରାଜ୍ୟ ନିଜ ମୁଦ୍ରାରେ ନିଜ ରାଜ୍ୟର ଚିତ୍ରକୁ ଚିତ୍ରିତ କରୁଥିଲେ।

# ଆ ଇ ନା





ଚନ୍ଦନ ମହାପାତ୍ର
୫ ବର୍ଷ / ରାୟଗଡ଼ା



ଆୟାଂଶୀ ଆର୍ଲିନ୍
୫ ବର୍ଷ / ଭୁବନେଶ୍ୱର



ଆର୍ୟାହି ମିଶ୍ର
୬ ବର୍ଷ / ରାୟଗଡ଼ା